# NATIONAL NEWS BULLETIN (ODIA)

**8 June- 2025**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଯାତ୍ରାରେ ମହିଳାମାନଙ୍କ ପରିବର୍ତ୍ତନକାରୀ ଭୂମିକା ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ଫ୍ରାନ୍ସ, ୟୁରୋପୀୟ ସଂଘ ଏବଂ ବେଲ୍‌ଜିୟମ୍‌କୁ ଆଜିଠାରୁ ୭ ଦିନିଆ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଆଜି ଅପରାହ୍ଣରେ ତେଲଙ୍ଗାନା କ୍ୟାବିନେଟ୍‌ର ସମ୍ପ୍ରସାରଣ ।

- ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଚାଟେନ୍‌ରେ ଅଟକି ରହିଥିବା ୨୮ ଜଣଙ୍କୁ ସୁରକ୍ଷିତ ସ୍ଥାନାନ୍ତରଣ କଲେ ସିକ୍କିମ୍ ସରକାର ।

ଏବଂ

- ଫ୍ଲୋରିଡ଼ା ସ୍ଥିତ ନାସାର କେନେଡ଼ି ମହାକାଶ କେନ୍ଦ୍ରରୁ ଆକ୍ସିଅମ୍ ସ୍ପେସ୍-ଫୋର୍ ମାନବ ମହାକାଶ ଯାତ୍ରାରେ ଯିବେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ।

# ପିଏମ୍-ନାରୀ ଶକ୍ତି

ବିକଶିତ ଭାରତର ଯାତ୍ରାରେ ମହିଳାମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ମହିଳାମାନଙ୍କ ନେତୃତ୍ୱରେ ବିକାଶ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଇଛନ୍ତି । କେନ୍ଦ୍ରରେ ଏନ୍.ଡି.ଏ. ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ବିଜ୍ଞାନ, ଶିକ୍ଷା, କ୍ରୀଡ଼ା, ଷ୍ଟାର୍ଟଅପ୍ ଏବଂ ସଶସ୍ତ୍ର ବାହିନୀ ସମେତ ସମସ୍ତ କ୍ଷେତ୍ରରେ ମହିଳାମାନେ ଉତ୍କର୍ଷ ପ୍ରଦର୍ଶନ କରୁଛନ୍ତି ଏବଂ ଲୋକମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏନ୍.ଡି.ଏ. ସରକାର ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ ମହିଳାମାନଙ୍କ ନେତୃତ୍ୱରେ ବିକାଶକୁ ପୁନଃ ପରିଭାସିତ କରିଛି । ଏଗୁଡ଼ିକ ମଧ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ମହିଳାମାନଙ୍କ ମର୍ଯ୍ୟାଦା ସୁନିଶ୍ଚିତ କରିବା, ଜନଧନ ଆକାଉଣ୍ଟ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ତୃଣମୂଳ ସ୍ତରରେ ସେମାନଙ୍କୁ ସଶକ୍ତ କରିବା ହେଉଛି ପ୍ରଧାନ ଲକ୍ଷ୍ୟ । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ଏକ ମାଇଲ୍ ଖୁଣ୍ଟ ଭାବେ ଅଭିହିତ କରି କହିଛନ୍ତି, ଏହି ଯୋଜନା ଅନେକ ଘରକୁ ଧୂଆଁମୁକ୍ତ ରୋଷେଇ ଘର ଦେଇପାରିଛି । ମୁଦ୍ରା ଯୋଜନା ଅଧୀନରେ ଲକ୍ଷ ଲକ୍ଷ ମହିଳାଙ୍କୁ ଉଦ୍ୟୋଗୀ ହେବାରେ ସହାୟତା ପ୍ରଦାନ କରିବା ସହ ସେମାନଙ୍କର ସ୍ୱପ୍ନକୁ ମଧ୍ୟ ସାକାର କରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ

ମହିଳାଙ୍କୁ ଘର ଯୋଗାଇବା ସହ ସେମାନଙ୍କର ସୁରକ୍ଷା ଓ ସଶକ୍ତିକରଣ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଛି ବୋଲି ସେ କହିଛନ୍ତି ।

'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନକୁ ପ୍ରଧାନମନ୍ତ୍ରୀ ସ୍ମରଣ କରି କହିଛନ୍ତି, କନ୍ୟା ସନ୍ତାନଙ୍କ ସୁରକ୍ଷା ପାଇଁ ଏହା ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି ।

## ଇଏଏମ୍-ୟୁରୋପ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଫ୍ରାନ୍ସ, ୟୁରୋପୀୟ ସଂଘ ଏବଂ ବେଲ୍‌ଜିୟମ୍‌କୁ ୭ ଦିନିଆ ସରକାରୀ ଗସ୍ତରେ ଯିବେ । ତାଙ୍କର ଫ୍ରାନ୍ସ ଗସ୍ତ ଅବସରରେ ବୈଦେଶିକ ମନ୍ତ୍ରୀ ପ୍ୟାରିସ୍ ଏବଂ ମାର୍ସିଲ୍ ଯାତ୍ରା କରିବା ସହ ତାଙ୍କ ୟୁରୋପୀୟ ସଂଘ ପ୍ରତିପକ୍ଷ ଏବଂ ଫ୍ରାନ୍ସ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜିନ୍ ନୋଏଲ୍ ବ୍ୟାରୋଟ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେ ମଧ୍ୟ ଫ୍ରାନ୍ସର ବରିଷ୍ଠ ନେତୃତ୍ୱ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ସହ ବାର୍ତ୍ତାଳାପ କରିବାର ସୂଚନା ରହିଛି । ଡକ୍ଟର ଜୟଶଙ୍କର ପ୍ରଥମ ଭୂମଧ୍ୟ ସାଗରୀୟ ରାଇସିନା ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିବେ ।

ୟୁରୋପୀୟ ସଂଘ ଗସ୍ତ ସମୟରେ ଡକ୍ଟର ଜୟଶଙ୍କର ସେଠାକାର ଉଚ୍ଚ ପ୍ରତିନିଧି ଏବଂ ଉପରାଷ୍ଟ୍ରପତି କାଜା କାଲାସଙ୍କ ସହ ରଣନୈତିକ ଆଲୋଚନାରେ ଭାଗ ନେବେ । ଶ୍ରୀ ଜୟଶଙ୍କର ୟୁରୋପୀୟ ସଂଘ କମିଶନ୍ ଏବଂ ସଂସଦର ବରିଷ୍ଠ ନେତୃତ୍ୱଙ୍କ ସହ ଯୋଗଦେବେ । ବେଲ୍‌ଜିୟମ୍ ଗସ୍ତ ଅବସରରେ କେନ୍ଦ୍ର ମନ୍ତ୍ରୀ ବେଲ୍‌ଜିୟମ୍‌ର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ମ୍ୟାକ୍ସିମ୍ ପ୍ରିଭୋଟଙ୍କ ସହ

ଦ୍ୱିପାକ୍ଷିକ ଆଲୋଚନା କରିବ ସହ ବେଲ୍‌ଜିୟମ୍‌ର ବରିଷ୍ଠ ନେତୃତ୍ୱଙ୍କୁ ଭେଟିବେ । ସେ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହ ମଧ୍ୟ ଆଲୋଚନା କରିବେ । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ବୈଦେଶିକ ମନ୍ତ୍ରୀଙ୍କର ଏହି ଗସ୍ତ ୟୁରୋପୀୟ ସଂଘ, ଫ୍ରାନ୍ସ ଏବଂ ବେଲ୍‌ଜିୟମ୍ ସହିତ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଆହୁରି ନିବିଡ଼ କରିବ ବୋଲି ଆଶା କରାଯାଉଛି ।

# ତେଲଙ୍ଗାନା କ୍ୟାବିନେଟ୍

ଆଜି ଅପରାହ୍ଣରେ ତେଲଙ୍ଗାନା କ୍ୟାବିନେଟ୍ ସମ୍ପ୍ରସାରଣ ହେବ । ଏହି ସମ୍ପ୍ରସାରଣରେ ତିନି ଜଣ ନୂଆ ମୁହଁ ମନ୍ତ୍ରୀ ଭାବେ ସାମିଲ ହେବେ । ହାଇଦ୍ରାବାଦର ରାଜଭବନରେଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଜି. ବିବେକ ଭେଙ୍କଟସ୍ୱାମୀ, ଏ. ଲକ୍ଷ୍ମଣ ଏବଂ ଭାକିଟି ଶ୍ରୀହରିଙ୍କୁ ମଧ୍ୟ କ୍ୟାବିନେଟ୍‌ରେ ସାମିଲ କରାଯିବ । ଏମାନଙ୍କୁ ମିଶାଇଲେ ତେଲଙ୍ଗାନା କ୍ୟାବିନେଟ୍  ସଂଖ୍ୟା ୧୫କୁ ବୃଦ୍ଧି ପାଇବ । ଶପଥଗ୍ରହଣ ସ୍ଥଳରେ ସମସ୍ତ ପ୍ରକାର ପ୍ରସ୍ତୁତିପର୍ବ ଚୂଡ଼ାନ୍ତ ହୋଇଥିବାର ଜଣାପଡ଼ିଛି । ରାମଚନ୍ଦ୍ର ନାୟକ ତେଲଙ୍ଗାନା ବିଧାନସଭାର ଉପବାଚସ୍ପତି ପଦବୀ ଗ୍ରହଣ କରିବେ ବୋଲି ଜଣାପଡ଼ିଛି ।

# ସିକ୍କିମ୍ ଇଭାକୁଏସନ୍

ସିକ୍କିମ୍‌ରେ ଆଜି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମାଙ୍ଗାନ୍ ଜିଲ୍ଲାର ଚାଟେନ୍‌ରେ ଅଟକି ରହିଥିବା ୨୮ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି । ସରକାରୀ ସୂତ୍ର ଅନୁସାରେ ଚାଟେନ୍‌ରେ ଅଟକି ରହିଥିବା ସ୍ଥାନୀୟ ଲୋକ, ପର୍ଯ୍ୟଟକ, ଗାଡ଼ି ଚାଳକ ଏବଂ ସରକାରୀ ଅଧିକାରୀଙ୍କ ଜରୁରୀ ଅନୁରୋଧକୁ ଦୃଷ୍ଟିରେ ରଖି ସିକ୍କିମ୍ ସରକାର ତିନି ଜଣ ନାବାଳକଙ୍କ ସମେତ ୨୮ ଜଣଙ୍କୁ ସଫଳତାର ସହ ହେଲିକପ୍ଟରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛନ୍ତି । ଉଦ୍ଧାର ହୋଇଥିବା ସମସ୍ତେ ସୁରକ୍ଷିତ ଭାବେ ପାକିୟୋଙ୍ଗ୍‌ର ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦରରେ ପହଞ୍ଚିଛନ୍ତି ।

ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁସାରେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ହେଲିକପ୍ଟର ନିୟୋଜିତ ହୋଇଥିଲା । ଯାହାଫଳରେ ସେହି ଅଞ୍ଚଳରେ ଅଟକି ରହିଥିବା ଲୋକମାନଙ୍କୁ ସମୟୋଚିତ୍ତ ସହାୟତା ସୁନିଶ୍ଚିତ କରାଯାଇପାରିଛି ।

ସୂଚନା ଯୋଗ୍ୟ ପୂର୍ବରୁ ଶୁକ୍ରବାର ଦିନ ଅଟକି ରହିଥିବା ସମସ୍ତ ପର୍ଯ୍ୟଟକଙ୍କୁ ଚାଟେନ୍‌ରୁ ହେଲିକପ୍ଟରରେ ସ୍ଥାନାନ୍ତରଣ କରାଯାଇଥିଲା ।

# ଶୁଭାଂଶୁ-ମହାକାଶ

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟ ତିନି ଜଣ ମଙ୍ଗଳବାର ଦିନ ଫ୍ଲୋରିଡ଼ା ସ୍ଥିତ ନାସାର କେନେଡ଼ି ମହାକାଶ କେନ୍ଦ୍ରରୁ

ଆକ୍ସିଅମ୍ ସ୍ପେସ୍‌ର ଚତୁର୍ଥ ମାନବ ମହାକାଶ ଯାତ୍ରାରେ ଯିବେ । ପ୍ରାୟ ୨୮ ଘଣ୍ଟା ଯାତ୍ରା କରିବା ପରେ ସେମାନେ ବୁଧବାର ରାତି ୧୦ଟାରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚିବେ । ଏହି ମିଶନ୍‌ରେ ଶୁଭାଂଶୁ ଶୁକ୍ଲା ମିଶନ୍ ପାଇଲଟ ଭାବେ କାର୍ଯ୍ୟ କରିବେ । ତାଙ୍କ ସହ ମିଶନ୍ କମାଣ୍ଡର ପେଗି ହ୍ୱାଇଟ୍‌ସନ୍ ଏବଂ ହଙ୍ଗେରୀର ବିଶେଷଜ୍ଞ ଟିବୋର୍ କାପୁ ଓ ପୋଲାଣ୍ଡର ସ୍ଲାଓସ୍ ଉଜାନାସ୍କି ଓ୍ୱିସ୍ନିଓ୍ୱିସ୍କି ରହିବେ । ୧୯୮୪ ମସିହାରେ ରୁଷର ସୋୟୁଜ୍ ମିଶନ୍‌ରେ ରାକେଶ ଶର୍ମାଙ୍କ ଐତିହାସିକ ମହାକାଶ ଯାତ୍ରାର ୪୧ ବର୍ଷ ପରେ ଆକ୍ସିଅମ୍-ଫୋର୍ ମିଶନ୍ ଭାରତର ମହାକାଶକୁ ପୁଣିଥରେ ଯାତ୍ରା ଚିହ୍ନିତ କରୁଛି । ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ୧୪ ଦିନର ରହଣୀ ସମୟରେ ଆକ୍ସିଅମ୍-ଫୋର୍‌ର ମହାକାଶଚାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଦ୍ୟାଳୟ ଛାତ୍ର ଏବଂ ମହାକାଶ ଶିଳ୍ପ ସହ ଜଡ଼ିତ ନେତାମାନଙ୍କ ସହ ଆଲୋଚନା କରିବାର ଆଶା କରାଯାଉଛି ।

## ଇଣ୍ଡିଆ-ମଙ୍ଗୋଲିଆ ଏକ୍ସରସାଇଜ୍

ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ମିଳିତ ସାମରିକ ଅଭ୍ୟାସ ନୋମାଡିକ୍ ଏଲିଫ୍ୟାଣ୍ଟ୨୦୨୫ର ୧୭ତମ ସଂସ୍କରଣ ମଙ୍ଗୋଲିଆର ଉଲାନବାଟରରେ ଥିବା ସ୍ୱତନ୍ତ୍ର ତାଲିମ୍ କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ସମରାଭ୍ୟାସ ଜାତିସଂଘର ନିର୍ଦ୍ଦେଶ ଅନୁଯାୟୀ ଅର୍ଦ୍ଧଶହରୀ ଏବଂ ପାର୍ବତ୍ୟାଞ୍ଚଳରେ ଅଣପାରମ୍ପରିକ ଯୁଦ୍ଧ ପରିଚାଳନା ଉପରେ ଧ୍ୟାନ କେନ୍ଦ୍ରୀତ କରୁଛି । ଗତମାସ ୩୧ ତାରିଖରେ ଆରମ୍ଭ ହୋଇଥିବା ଏହି ମିଳିତ ସମରାଭ୍ୟାସ ଚଳିତ ମାସ ୧୩ ତାରିଖରେ ଶେଷ ହେବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହି ସମରାଭ୍ୟାସ ଉଭୟ ସେନାର କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି ।

## ଫ୍ରେଞ୍ଚ ଓପନ୍

ଫ୍ରେଞ୍ଚ୍ ଓପନ୍ ଟେନିସ୍ ୨୦୨୫ର ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ଗତକାଲି ରାତିରେ ଆମେରିକର ଟେନିସ୍ ଖେଳାଳି କୋକୋ ଗଫ୍ ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଚାମ୍ପିୟନ୍ ହୋଇଛନ୍ତି । ସେ ସାବାଲେଙ୍କାଙ୍କୁ *୬-୭, ୬-୨, ୬-୪* ସେଟ୍‌ରେ ପରାସ୍ତ କରିଥିଲେ । ଏଥିସହ କୋକୋ ଗଫ୍ ତାଙ୍କର ପ୍ରଥମ ରୋଲାଣ୍ଡ ଗାରୋସ୍ ଟାଇଟଲ୍ ଏବଂ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ହାସଲ କରିଛନ୍ତି । ଏହି ବିଜୟ ସହ ୨୧ ବର୍ଷୀୟା କୋକୋ ଗଫ୍ ୨୦୧୫ ପରେ ସେରେନା ଊ୍ୱିଲିୟମ୍ସଙ୍କ ପରେ ପ୍ୟାରିସ୍‌ରେ ସିଙ୍ଗଲ୍ସ ଟାଇଟଲ୍ ଜିତିଥିବା ପ୍ରଥମ ଆମେରିକୀୟ ମହିଳା ହୋଇଛନ୍ତି । ୨୦୦୨ରେ ଊ୍ୱିଲିୟମ୍ସଙ୍କ ପରେ ଏପରି କରିବାରେ ସେ ଆମେରିକାର ସର୍ବକନିଷ୍ଠ ଖେଳାଳି ମଧ୍ୟ ହୋଇପାରିଛନ୍ତି ।

## ଏଲ୍‌ଏ-ରାଇଓଟ୍

ଲସ୍ ଆଞ୍ଜେଲସ୍‌ରେ ବେଆଇନ୍ ଭାବେ ବସବାସ କରୁଥିବା ପ୍ରବାସୀମାନଙ୍କ ଉପରେ ଚଢ଼ାଉକୁ ନେଇ ଉତ୍ତେଜନା ଦେଖାଦେବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ହଜାର ନ୍ୟାସନାଲ୍ ଗାର୍ଡ୍ ସୈନିକଙ୍କୁ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗତକାଲି ରାତିରେ

ଲାଟିନୋ ଜିଲ୍ଲାର ବାସିନ୍ଦାମାନଙ୍କର 'ଇମିଗ୍ରେସନ୍ ଏବଂ କଷ୍ଟମ୍ ଏନ୍‌ଫୋର୍ସ୍‌ମେଣ୍ଟ' ଆଇ.ସି.ଇ. ଫେଡେରାଲ୍ ଏଜେଣ୍ଟଙ୍କ ସହିତ ସଂଘର୍ଷ ଘଟିବା ସହ ସହରରେ ଦ୍ୱିତୀୟ ଦିନ ପାଇଁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଆଇ.ସି.ଇ. ଚଳିତ ସପ୍ତାହରେ ଲସ୍ ଆଞ୍ଜେଲସ୍‌ରେ ୧୧୮ଜଣଙ୍କୁ ଗିରଫ୍ କରିଛି । ଲସ୍ ଆଞ୍ଜେଲସ୍‌କୁ ଅଧିକ ସୁରକ୍ଷିତ କରିବା ପାଇଁ ଏହି ଚଢ଼ାଉ କରାଯାଉଛି ବୋଲି ସୀମାନ୍ତ ଅଞ୍ଚଳରେ ଅବସ୍ଥାପିତ ଟ୍ରମ୍ପ୍ ପ୍ରଶାସନର ବରିଷ୍ଠ ଅଧିକାରୀ ଟମ୍ ହୋମାନ୍ ଗଣମାଧ୍ୟମକୁ କହିଛନ୍ତି ।

# ଆଇଏମ୍‌ଡି ୱେଦର

ଭାରତୀୟ ପାଣିପାଗ ବିଭାଗ କହିଛି, ଆସନ୍ତା ୩ ଦିନ ମଧ୍ୟରେ ପଞ୍ଜାବ, ହରିଆଣା, ଚଣ୍ଡିଗଡ଼, ଦିଲ୍ଲୀ, ପଶ୍ଚିମ ଉତ୍ତର ପ୍ରଦେଶ ଏବଂ ପଶ୍ଚିମ ରାଜସ୍ଥାନରେ ଗ୍ରୀଷ୍ମ ପ୍ରବାହ  ଜାରି ରହିବ । ଭାରତୀୟ ପାଣିପାଗ ବିଭାଗ – ଆଇ.ଏମ୍.ଡି.ର ସୂଚନା ଅନୁଯାୟୀ ଆଗାମୀ ଦୁଇ ଦିନ ମଧ୍ୟରେ ଉପକୂଳ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ରୟାଲ୍ ସୀମା ଏବଂ କର୍ଣ୍ଣାଟକରେ ଝଡ଼ବର୍ଷା, ବଜ୍ରପାତ ଏବଂ ପବନ ବହିବା ସହିତ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି । ପୂର୍ବ ଏବଂ ମଧ୍ୟ ଭାରତରେ ଏହି ପରିସ୍ଥିତି ଚଳିତ ମାସ ୧୧ ତାରିଖ ପର୍ଯ୍ୟନ୍ତ ବିଦର୍ଭ, ଛତିଶଗଡ଼, ଓଡ଼ିଶା, ଆଣ୍ଡାମାନ ଏବଂ ନିକୋବର ଦ୍ୱିପପୁଞ୍ଜରେ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।